# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 May - 2026

***********************************

## ମୁଖ୍ୟ ସମ୍ବାଦ

- ଗୁଜୁରାଟ ଗସ୍ତର ତୃତୀୟ ଦିନରେ ଆଜି ଭଦୋଦରାଠାରେ ନିବେଶକଙ୍କ ସହିତ ଆଲୋଚନା କରିବେ ମୁଖ୍ୟମନ୍ତ୍ରୀ
- ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଓ ଭାରତୀୟ ସେନାର ଅଦମ୍ୟ ସାହସର ପ୍ରତୀକ 'ଅପରେସନ୍ ସିନ୍ଦୂର'କୁ ଆଜି ପୁରିଲା ଏକ ବର୍ଷ
- ରାଜ୍ୟରେ ୯୫ ପ୍ରତିଶତ ଗୃହ ଗଣନା ଶେଷ ହୋଇଥିବା ନେଇ ରାଜ୍ୟ ଜନଗଣନା ନିର୍ଦ୍ଦେଶକଙ୍କ ସୂଚନା
- କ୍ରୀଡ଼ା : ସେତୁ ନିର୍ମାଣ ଓ ପ୍ରତିବନ୍ଧକ ଭାଙ୍ଗିବା'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ଆଥଲେଟିକ୍ ଦିବସ

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

Desk

## ମୁଖ୍ୟମନ୍ତ୍ରୀ – ଗୁଜରାଟ ଗସ୍ତ

ଗୁଜୁରାଟ ଗସ୍ତର ତୃତୀୟ ଦିନରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦୋଦରାଠାରେ ନିବେଶକମାନଙ୍କ ସହିତ ଆଲୋଚନା କରିବେ। ଏଥିସହିତ କାର୍ଯ୍ୟକ୍ରମର ଅଂଶସ୍ୱରୂପ କେଭାଡ଼ିଆ ଗସ୍ତ ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି। ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ଅଧିକାରୀମାନେ ସାମିଲ ଅଛନ୍ତି। ଗତକାଲି ଗୁଜୁରାଟର ଅହମ୍ମଦାବାଦଠାରେ ନିବେଶକଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ। ରାଜ୍ୟରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଉର୍ଜା, ପର୍ଯ୍ୟଟନ ଏବଂ ପ୍ରତ୍ୟେକ କ୍ଷେତ୍ରରେ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି।

Desk

## ଅପରେସନ୍ ସିନ୍ଦୂର

ଦେଶର ସୁରକ୍ଷା, ସାର୍ବଭୌମତ୍ୱ ଓ ଜାତୀୟ ଅସ୍ମିତା ପାଇଁ ଭାରତୀୟ ସେନାର ଅଦମ୍ୟ ସାହସ ଓ ଅପୂର୍ବ ପରାକ୍ରମର ପ୍ରତୀକ ଅପରେସନ୍ ସିନ୍ଦୂରକୁ ଆଜି ଏକ ବର୍ଷ ପୂରଣ ହୋଇଛି। ଆତଙ୍କବାଦ ବିରୋଧରେ ଭାରତର ଦୃଢ଼ସଂକଳ୍ପ, ସାମରିକ କୌଶଳ ଓ ଅପରାଜେୟ ମନୋବଳର ଏହା ଏକ ଐତିହାସିକ ନିଷ୍ପତ୍ତି। ଏହା କେବଳ ଏକ ସଫଳ ଅଭିଯାନ

ନୁହେଁ ବରଂ ଭାରତର ସାମରିକ ଶକ୍ତି ଓ ରଣନୈତିକ ପ୍ରଭାବର ଏକ ଜ୍ୱଳନ୍ତ ଉଦାହରଣ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା....

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଅପରେସନ୍ ସିନ୍ଦୂର ଅଭିଯାନ ଆରମ୍ଭ କରାଯାଇଥିଲା। ଗତ ବର୍ଷ ମେ’ ମାସ ୭ ତାରିଖରେ ଏହି ସାମରିକ ସଂଘର୍ଷ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ପାକିସ୍ତାନର ଶତାଧିକ ଆତଙ୍କବାଦୀ ପ୍ରାଣ ହରାଇଥିଲେ। ପାକିସ୍ତାନ ଏବଂ ପାକିସ୍ତାନ ଅଧିକୃତ କାଶ୍ମୀର ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟକରି ଭାରତୀୟ ସେନା ୯ଟି ଆତଙ୍କବାଦୀ ଅଧ୍ୟୁଷିତ ଅଞ୍ଚଳ ଉପରେ ଅତ୍ୟନ୍ତ ସଂଯମ ଓ ପରିପକ୍ୱତାର ସହ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲା। ଅପରେସନ୍ ସିନ୍ଦୂର ଅଭିଯାନରେ ବିଶ୍ୱ ଭାରତର ଆତ୍ମନିର୍ଭରତାର ଝଲକ ଦେଖିବାକୁ ପାଇଥିଲା। ଅତ୍ୟାଧୁନିକ ପ୍ରଯୁକ୍ତି ଓ ସାମରିକ ସମନ୍ୱୟର ଆଧାରରେ ଭାରତୀୟ ସେନା ଆତଙ୍କବାଦୀଙ୍କ ଗୁପ୍ତ ଘାଟିଗୁଡ଼ିକୁ ଚିହ୍ନଟ କରି ନଷ୍ଟ କରିଥିଲା। ବିଶ୍ୱ ସମ୍ମୁଖରେ ଭାରତ ସ୍ପଷ୍ଟ କରିଥିଲା, ଦେଶର ସୁରକ୍ଷା ସହ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଏହି ଅଭିଯାନର ଅନ୍ୟତମ ବୈଶିଷ୍ଟ୍ୟ ଥିଲା ସୁରକ୍ଷାବଳ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏକ ବିଶ୍ୱାସର ସେତୁ ଗଢ଼ି ଉଠିବା। ସେନା କେବଳ ଆତଙ୍କବାଦ ବିରୁଦ୍ଧରେ ନୁହେଁ ବରଂ

ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଅବସରରେ ଅପରେସନ ସିନ୍ଦୂରକୁ ଆତଙ୍କବାଦ ଏବଂ ଦେଶର ସାର୍ବଭୌମତ୍ୱ ଓ ନାଗରିକଙ୍କ ସୁରକ୍ଷାକୁ ବିପଦରେ ପକାଇଥିବା ସମସ୍ତ ପ୍ରକାର ଶକ୍ତି ବିରୁଦ୍ଧରେ ଏକ ନିର୍ଣ୍ଣାୟକ ପ୍ରମାଣ ବୋଲି କହିଛନ୍ତି ।

ଅପରେସନ୍ ସିନ୍ଦୂରର ପ୍ରଥମ ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସଶସ୍ତ୍ର ବାହିନୀର ସାହସ, ବୀରତ୍ୱ ଓ କର୍ତ୍ତବ୍ୟ ନିଷ୍ଠା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅପରେସନ୍ ସିନ୍ଦୂର ସମୟରେ ପ୍ରଧାନମନ୍ତ୍ରୀ କହିଥିଲେ...

**- V/O -**

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହି ଅବସରରେ ଭାରତୀୟ ସଶସ୍ତ୍ର ବାହିନୀର ସାହସ ଏବଂ ବଳିଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଅପରେସନ ସିନ୍ଦୂର ଜାତୀୟ ସଂକଳ୍ପ ଏବଂ ପ୍ରସ୍ତୁତିର ଏକ ଶକ୍ତିଶାଳୀ ପ୍ରତୀକ ଭାବେ ପରିଗଣିତ ହୋଇଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ଯବାନମାନଙ୍କର ପରାକ୍ରମ ଓ ଦେଶ ପ୍ରତି ଅତୁଟ ସମର୍ପଣକୁ ସମ୍ମାନ ଜଣାଇ କହିଛନ୍ତି,

ଅପରେସନ୍ ସିନ୍ଦୂର ହେଉଛି ନୂତନ ଭାରତର ସଂକଳ୍ପ, ସଠିକତା ଓ ଶକ୍ତିର ସଶକ୍ତ ପ୍ରତୀକ।

ଅପରେସନ୍ ସିନ୍ଦୂର ଆଜି କେବଳ ଏକ ସାମରିକ ଅଭିଯାନ ନୁହେଁ। ଏହା ଭାରତର ଅଦ୍ୟମ ଇଚ୍ଛା ଶକ୍ତି, ସାହସ, ଜାତୀୟ ସ୍ୱାଭିମାନର ପ୍ରତୀକ। ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇ ଆଗକୁ ମଧ୍ୟ ସମାନ ଦୃଢ଼ତା ସଂକଳ୍ପର ସହ ଜାରି ରହିବ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

# ମନସୁଖ ମାଣ୍ଡବ୍ୟ-ହେଲ୍ଥ ଚେକ୍ଅପ

ନୂତନ ଶ୍ରମସଂହିତା ଅଧୀନରେ ୪୦ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ଶ୍ରମିକଙ୍କ ପାଇଁ ଦେଶବ୍ୟାପୀ ବାର୍ଷିକ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରକ୍ରିୟା ଆଜି ଆରମ୍ଭ ହୋଇଛି । ନୂଆଦିଲ୍ଲୀଠାରେ କର୍ମଚାରୀ ରାଜ୍ୟ ବୀମା ନିଗମ, ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହାର ଶୁଭାରମ୍ଭ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧ୍ୟରେ ଦେଶର କର୍ମଶକ୍ତି ଏବଂ ଯୁବଶକ୍ତିଙ୍କ ପ୍ରତି ଯଥେଷ୍ଟ ସମ୍ମାନ ବୃଦ୍ଧି ପାଇଛି ।

ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଇ.ଏସ୍.ଆଇ.ସି ଅଧୀନରେ ହିତାଧିକାରୀଙ୍କ ସଂଖ୍ୟା ୭ କୋଟିରୁ ୧୪ କୋଟିକୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଯାଞ୍ଚ ପଦକ୍ଷେପ ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ସହ କର୍ମଶକ୍ତି କ୍ଷେତ୍ର ପାଇଁ ବ୍ୟାପକ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁନିଶ୍ଚିତ କରିବ ବୋଲି ଡକ୍ଟର ମାଣ୍ଡବ୍ୟ କହିଛନ୍ତି ।

Desk

## ଜନଗଣନା

ରାଜ୍ୟରେ ୯୫ ପ୍ରତିଶତ ଗୃହ ଗଣନା ବର୍ତ୍ତମାନ ସୁଦ୍ଧା ଶେଷ ହୋଇଛି ବୋଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଳ ପବନ କଲ୍ୟାଣ କହିଛନ୍ତି। କୋଟିଆରେ ଶତପ୍ରତିଶତ ଓ କୋରାପୁଟ ଜିଲ୍ଲାରେ ୯୦ ପ୍ରତିଶତ ଗଣନାକାର୍ଯ୍ୟ ସମାପ୍ତ କରାଯାଇଛି। ସୀମାବର୍ତ୍ତୀ ଅଞ୍ଚଳରେ ଘର ଗଣନା ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ବୋଲି ଶ୍ରୀ କଲ୍ୟାଣ କହିଛନ୍ତି। ରାଜ୍ୟରେ ଗତ ଏପ୍ରିଲ ମାସ ପହିଲାରୁ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱଗଣନା କରାଯାଇଥିଲା। ପରେ ୧୬ ତାରିଖରୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଗୃହ ତାଲିକା ତଥା ଗୃହ ଗଣନା କାର୍ଯ୍ୟ ଜାରି ରହିବ। କାର୍ଯ୍ୟ ପରିଚାଳନାରେ ୯୦ ହଜାର ୨୦୦ ଜଣ ଜନଗଣନା ଅଧିକାରୀ ଓ ୧୫ ହଜାର ୧୪୦ ଜଣ ସୁପରଭାଇଜର ନିୟୋଜିତ ଅଛନ୍ତି।

Desk

## ମୁଖ୍ୟମନ୍ତ୍ରୀ- ରିଲିଫ ସହାୟତା

କେନ୍ଦୁଝର ଘଟଗାଁଠାରେ ଦୁର୍ଘଟଣାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ନିକଟ ସମ୍ପର୍କୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।

Puri

## ରଥଯାତ୍ରା- ବୈଠକ

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ନେଇ ଆସନ୍ତାକାଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ସ୍ଥାନୀୟ ଟାଉନ୍ ହଲ ପରିସରରେ ପୂର୍ବାହ୍ନ ୧୧ଟାରେ ଆଗାମୀ ରଥଯାତ୍ରାକୁ ସୂଚାରୁରୂପେ ସମ୍ପନ୍ନ କରିବା ନେଇ ବୈଠକରେ ସମୀକ୍ଷା କରାଯିବ। ମହାପ୍ରଭୁଙ୍କ ନୀତିନିର୍ଘଣ୍ଟ ସମେତ ରଥ ନିର୍ମାଣ, ପରିମଳ, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ ନେଇ ଆଲୋଚନା କରାଯିବ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ସୁରକ୍ଷା ସହ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

Nabarangpur

## ପ୍ରାକୃତିକ ବିପର୍ଯ୍ୟୟ ବୈଠକ

ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ଗୌରୀଶଙ୍କର ମାଝୀ ଏଥିରେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଆଲୋଚନା କରିଥିଲେ। ବନ୍ୟ ପ୍ରଭାବିତ ଅଞ୍ଚଳରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହତ କରିବା ଲାଗି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ, ଖାଦ୍ୟ, ପାନୀୟ ଓ ଆଲୋକର ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲ୍ଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡ଼ା ପୁସ୍ତକ-୨୦୨୫-୨୬ ଉନ୍ମୋଚନ ହୋଇଥିଲା।

Nabarangpur

## ଭୁବନେଶ୍ୱରୀଙ୍କୁ ରୌପ୍ୟ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଡିଗ୍ରୀ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍ ଭୁବନେଶ୍ୱରୀ ନାୟକ ସର୍ବଭାରତୀୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅତ୍ୟାଧୁନିକ ପର୍ବତାରୋହଣରେ ଭାଗ ନେଇ ଦୁଇଟି ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ମାସ ୮ ତାରିଖରୁ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ସିକିମର ଦମ୍‌ଥାଙ୍ଗଠାରେ ଥିବା ଇଣ୍ଡିଆନ୍ ହିମାଳୟନ୍ ସେଣ୍ଟର ଫର୍ ଆଡଭେନଚର୍ ଆଣ୍ଡ ଇକୋ ଟୁରିଜିମ୍ ପକ୍ଷରୁ ଆୟୋଜିତ ପର୍ବତାରୋହଣରେ ଭାଗ ନେଇ ସେ ଏହି ସଫଳତା ପାଇଛନ୍ତି।

Desk

## ଆଥଲେଟିକ୍ସ ଦିବସ

ଶାରୀରିକ ସୁସ୍ଥତା ପ୍ରଚାର, ଆଥଲେଟିକ୍ସରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବା ଏବଂ କ୍ରୀଡ଼ା ମାଧ୍ୟମରେ ସୁସ୍ଥ ଜୀବନଯାପନର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆଜି ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଉଛି। ପ୍ରତିବର୍ଷ ମଇ ମାସ ୭ ତାରିଖରେ ଏହି ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ୧୯୯୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱ ଆଥଲେଟିକ୍ସ ଦିବସ ପାଳନ କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ, ଶୃଙ୍ଖଳା ଓ ସକ୍ରିୟ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେବା ପାଇଁ ଆନ୍ତର୍ଜାତିକ ଆର୍ମେଚର ଆଥଲେଟିକ୍ସ ଫେଡେରେସନ୍-ଆଇ.ଏ.ଏ.ଏଫ୍. ପକ୍ଷରୁ ଏହି ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ଆଥଲେଟିକ୍ସ ଦିବସର ବିଷୟବସ୍ତୁ ହେଉଛି 'କ୍ରୀଡ଼ା : ସେତୁ ନିର୍ମାଣ, ପ୍ରତିବନ୍ଧକ ଭାଙ୍ଗିବା' ।

ଏ ସମ୍ପର୍କରେ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O –**

HS

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ  ରାଜ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବହିବ ବୋଲି ଅନୁମାନ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ କୋରାପୁଟ ଜିଲ୍ଲାର ବନ୍ଧୁଗାଁରେ ସର୍ବାଧିକ ୨୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଓ ଦକ୍ଷିଣ ଭାଗରେ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ଚଳିତମାସ ଦ୍ୱିତୀୟ ସପ୍ତାହ ଆଡ଼କୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟିହେବାର ସମ୍ଭାବନା ନେଇ ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ସଂସ୍ଥା ଅନୁମାନ କରିଛନ୍ତି ।